

# ଭୂମିହୀନ ହିତାଧିକାରୀମାନଙ୍କୁ
# 'କାଳିଆ' ଯୋଜନାରେ
# ଛେଳି ପାଳନ ପାଇଁ ସହାୟତା



**ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା**


ମଙ୍ଗଳାବାଗ, କଟକ - ୭୫୩୦୦୧

ଫୋନ: ୦୬୭୧ - ୨୪୧୪୬୨୯

Email: dahvsorissa@gmail.com, Website: www.odishaahvs.com

# ଛେଳି ପାଳନ

- ଓଡ଼ିଶାରେ ସବୁ ସ୍ଥାନରେ, ଏପରିକି ପାହାଡ଼ିଆ ଓ ଜଙ୍ଗଲ ଅଞ୍ଚଳରେ ଛେଳି ପାଳନ କରାଯାଇପାରିବ ।
- ଛୋଟ ଆକାରର ହୋଇଥିବାରୁ, ମହିଳା ଓ ପିଲାମାନେ ସହଜରେ ପରିପାଳନ କରିପାରନ୍ତି ।
- ଛେଳିପାଳନ, ଅଳ୍ପ ମୂଳଧନ ବିନିଯୋଗ କରି ଚାଷୀର ଘର ବାରଣ୍ଡା/ଅଗଣା/ବାରିରେ ମଧ୍ୟ କରାଯାଇପାରିବ ।
- ୮-୧୦ ମାସରେ, ମାଈ ଛେଳି ଛୁଆ ଜନ୍ମ କରିବା ଯୋଗ୍ୟ ହୋଇଥାଏ ଏବଂ ୧୩-୧୫ ମାସରେ ପ୍ରଥମ ଛୁଆ ଦେଇଥାଏ ।
- ଗୋଟିଏ ଛେଳି ଥରକେ ୧-୨ ଟି ଛୁଆ ଜନ୍ମ କରିଥାଏ ।
- ଛେଳି ୨ ବର୍ଷରେ ୩ଥର ଛୁଆ ଜନ୍ମ କରିଥାଏ ।
- ଛୁଆ ଗୁଡ଼ିକ ବର୍ଷକ ମଧ୍ୟରେ ବିକ୍ରିଯୋଗ୍ୟ ହୋଇଥାନ୍ତି ।
- ସୁସ୍ୱାଦୁ ମାଂସ, ଅଳ୍ପ ଦିନ ବ୍ୟବଧାନରେ ମିଳିଥାଏ ।
- ଛେଳିମାନଙ୍କର ଖାଦ୍ୟ ଖର୍ଚ୍ଚ ଅପେକ୍ଷାକୃତ କମ୍ କାରଣ, ସେମାନେ ଚରିବୁଲି ଡାଳପତ୍ର ଖାଇଥାନ୍ତି ।
- ଛେଳି କ୍ଷୀର, ଶିଶୁ, ବୃଦ୍ଧ ଓ ରୋଗୀମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ।
- ଛେଳିର ନେଣ୍ଡି ଚାଷ ପାଇଁ ଖତସାର ପରି ଉପଯୋଗୀ ।
- ପ୍ରତି ଗ୍ରାମରେ ଅଧିକାଂଶ ଚାଷୀମାନଙ୍କର, ଛେଳିପାଳନ ବିଷୟରେ କିଛି ନା କିଛି ଅନୁଭୂତି ଥାଏ ।
- ଛେଳି ବିକ୍ରି କରିବା ପାଇଁ ସମସ୍ୟା ନାହିଁ, କାରଣ ଛେଳି ମାଂସର ଚାହିଦା ଅଧିକ ଅଟେ ।
- ଓଡ଼ିଶା ସରକାରଙ୍କ 'କାଳିଆ' ଯୋଜନାରେ ଆଗ୍ରହୀ ଭୂମିହୀନ ଚାଷୀ ପରିବାରଙ୍କୁ ୩ ଟି ଛେଳି କିଣିବା ସକାଶେ ୧୨ ହଜାର ୫୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଏହି ସହାୟତା ନିମ୍ନମତେ ବିନିଯୋଗ କରିବା ସକାଶେ ଆକଳନ କରାଯାଇଅଛି ।

| କ୍ର.ସଂ. | ବିଷୟ | ଖର୍ଚ୍ଚ ପରିମାଣ (ଟଙ୍କା) |
|---|---|---|
| ୧. | ୩ ଗୋଟି ଛେଳି (୬ ମାସ - ୧ ବର୍ଷ ବୟସ) | ୧୨୦୦୦.୦୦ |
| ୨. | ପଶୁବୀମା ଓ ଅନ୍ୟାନ୍ୟ | ୫୦୦.୦୦ |
| | **ସର୍ବମୋଟ୍** | **୧୨୫୦୦.୦୦** |

ଜଣେ ଭୂମିହୀନ ଚାଷୀ ପରିବାର ୩ (ତିନୋଟି) ଛେଳି ପାଳନ କରି ବାର୍ଷିକ ୧୦୦୦୦ - ୧୨୦୦୦ ଟଙ୍କା ଲାଭ ପାଇବ ଏବଂ ପରିବାରର ଆର୍ଥିକ ସ୍ୱଚ୍ଛଳତା ହୋଇପାରିବ ।

| ବର୍ଷ | ବିକ୍ରିଯୋଗ୍ୟ ଛେଳି | ଲାଭ |
|---|---|---|
| ପ୍ରଥମ | ୨ | ୮୦୦୦.୦୦ |
| ଦ୍ୱିତୀୟ | ୩ | ୧୨୦୦୦.୦୦ |
| ତୃତୀୟ | ୪ | ୧୬୦୦୦.୦୦ |

- ଜିଲ୍ଲାରେ ଥିବା ଛେଳି ଫାର୍ମ, ଅଗ୍ରଣୀ ଛେଳିଚାଷୀ ଓ ନିକଟସ୍ଥ ସାପ୍ତାହିକ ହାଟରୁ ଆପଣମାନେ ଛେଳି କିଣି ପାରିବେ ।
- ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗ ଅଧିନରେ ଥିବା ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ଓ ପ୍ରାଣୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟରକ୍ଷା ତଥା ରୋଗ ପ୍ରତିଷେଧକ ବ୍ୟବସ୍ଥା, ବୀମାକରଣ ଓ ଛେଳି ପାଳନ ନିମନ୍ତେ ଆବଶ୍ୟକ ପରାମର୍ଶ ପାଇପାରିବେ ।

## ଦକ୍ଷତା ବୃଦ୍ଧି ସୂଚନା

### ଉତ୍ପାଦନ ପୂର୍ବ ପର୍ଯ୍ୟାୟ

୮-୧୦ ମାସ ବୟସରେ ଗୋଟିଏ ଛେଳି ଛୁଆ ଜନ୍ମ କରିବା ପାଇଁ ସକ୍ଷମ ହୁଏ ଏବଂ ୧୩-୧୫ ଛୁଆ ଦେଇଥାଏ । ଛୁଆକୁ ୧ ବର୍ଷ ହେଲା ପରେ ବିକ୍ରି କରାଯାଏ

### ନିରପେକ୍ଷସଂସ୍ଥାରଭୂମିକା

ପ୍ରାଣୀମିତ୍ର ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ହିତାଧିକାରୀଙ୍କୁ ପରାମର୍ଶ ଓ ସମୟୋପଯୋଗୀ ସହାୟତା

### ଆନୁସଙ୍ଗିକ ଆବଶ୍ୟକତା

ବୁଦା ଜଙ୍ଗଲ, ପାହାଡିଆ ଅଂଚଳ

ଚରିବା ପାଇଁ ଡାଳପତ୍ର ମିଳିବା

### ସୁପାରିଶ

ଜଗାରଖା କରିବାକୁ ପରିବାରର ଜଣେ ସଦସ୍ୟ ଦାୟିତ୍ୱ ନେବା ଆବଶ୍ୟକ

ଘରପାଖରେ ବୁଦା ଜଙ୍ଗଲ ଥିବା ବିଧେୟ

### ଆବଶ୍ୟକ ଦକ୍ଷତା

- ନିଜ ଅଂଚଳରେ ମିଳୁଥିବା ଉପାଦାନକୁ ବ୍ୟବହାର କରି ଅତିରକ୍ତ ଖାଦ୍ୟ ପ୍ରସ୍ତୁତି
- ପ୍ରାଥମିକ ରୋଗଲକ୍ଷଣ ଚିହ୍ନଟ
- ଉତ୍ତମ ଛେଳି ଚୟନ

### ଆଶଙ୍କା

ବନ୍ୟଜନ୍ତୁ ପ୍ରାଦୁର୍ଭାବ

ସଂକ୍ରାମକ ରୋଗ- ଛେଳିମଡକ, ନିମୋନିଆ

ସନ୍ତସନ୍ତିଆ ଅଂଚଳ

### ବ୍ୟୟଅଟକଳ

୩ ଟି ଛେଳି (୬ ମାସରୁ ୧ ବର୍ଷ)- ଟ. ୧୨,୦୦୦/-

ବୀମାକରଣଓଅନ୍ୟାନ୍ୟ -ଟ. ୫୦୦/-

**ମୋଟଅଟକଳ - ଟ. ୧୨,୫୦୦/-**